## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଜିଲାସ୍ତରୀୟ ଆଶା ଓ ଗା କଲ୍ୟାଣ ସମିତି ସମ୍ମିଳନୀ, ସ୍ଥାନ-ଟାଉନ ହଲ,ସମୟ- ପୂର୍ବାହ୍ନ ସାଢ଼େ ୧୦ଟା ।
- ଜୋନାଲ ପଲିଟେକନିକ ଫେଷ୍ଟ। ସ୍ଥାନ-ୟୁସିପି ଇଞ୍ଜିନିୟରିଂ ସ୍କୁଲ, ସମୟ-ଅପରାହ୍ନ ୪ଟା।
- ଜିଲା ଭାଜପା ସାଙ୍ଗଠନିକ ସମୀକ୍ଷା ବୈଠକ। ସ୍ଥାନ-ରାଜସ୍ୱ ଡାକ ବଙ୍ଗଳା, ସମୟ-ଅପରାହ୍ନ ୪ଟା।

## ସଂକ୍ଷେପରେ

### ଗଞ୍ଜେଇ ଜବତ ମାମଲାରେ ୪ ମହିଳା କୋର୍ଟ ଚାଲାଣ

ଖଜୁରିପଡା,୨୧।୨-ଖଜୁରିପଡ଼ା ପୋଲିସ ମଙ୍ଗଳବାର ଫୁଲବାଣୀରୁ-ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ (ନଂ ଓଡି ୦୨ ବିଏଚ ୫୨୬୭)ରୁ ୩୫ କେଜି ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ୪ ଜଣ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗୋଛାପଡା ଥାନା ମାସିଲିପଙ୍ଗା ଗ୍ରାମର ଚାନ୍ଦିନୀ ଦିଗାଲ, ରୁନିମା ଦିଗାଲ ଏବଂ ଚନ୍ଦ୍ରମା ଦିଗାଲଙ୍କ ସହ ବାଲନ୍ଦାପଡା ଦଳିତ ସାହିର ସୁନନ୍ଦା ସାହାଣୀ। ଏ ନେଇ ପୋଲିସ ନଂ. ୨୨/୨୩ ରେ ମାମଲା ରୁଜୁ କରିଥିବା ଗେଲ୍ଲୀ କୁମାରୀ ସାହୁ ସୂଚନା ଦେଇଛନ୍ତି। ଥାନାଧିକାରୀ ସାହୁ, ସବଇନ୍ସପେକ୍ଟର ଉଦ୍ଧବ ଯାନୀ, ଶିଶିର କୁମାର ପ୍ରଧାନ, ଦୀନବନ୍ଧୁ ପ୍ରଧାନ, ପିକେ ନେମାଳପୁରୀ, ଜଗନ୍ନାଥ ଜେନା, ବାସୁଦେବ ପଣ୍ଡା, ବିପ୍ର ଚରଣ ମଲିକ, ପ୍ରକାଶ କୁମାର ବିଶୋୟୀଙ୍କ ସହ ଗାଡିରୁ ଗଞ୍ଜେଇ ସହ ଅଭିଯୁକ୍ତମାନଙ୍କୁ ଧରିବାରେ ସହଯୋଗ କରିଥିଲେ।

### ୮ କୁଇଣ୍ଟାଲ ଗଞ୍ଜେଇ ଜବତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୧।୨-କନ୍ଧମାଳ ଜିଲା ଫିରିଙ୍ଗିଆ ଓ ଗୋଚ୍ଛାପଡ଼ା ଥାନା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ୮ କୁଇଣ୍ଟାଲ ୧୮ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯିବା ସହ ବାଇକ, ପିକ୍‌ଅପ ଭ୍ୟାନ ଜବତ ହୋଇଛି। ଫିରିଙ୍ଗିଆ ଥାନାଧିକାରୀ ତପନ କୁମାର ନାହାକଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ପବିଙ୍ଗିଆ ପଞ୍ଚାୟତ ଧଣୀ ଛକ ନିକଟରେ ଚଢ଼ାଉ କରିଥିଲା। ସେଠାରୁ ୧୦୫ କିଲୋ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ପୁରସ୍ତମ କହଁର ଓ ରାଜୀବ କହଁର। ଏ ନେଇ ଥାନାରେ ନଂ. ୩୧/୨୩ରେ ମାମଲା ରୁଜୁ କରାଯାଇଛି। ସେହିପରି ଗୋଛାପଡ଼ା ପୋଲିସ ଲୁଇସିଂ ପଞ୍ଚାୟତ କଟିମାସ୍କା ଛକ ନିକଟ ଜଙ୍ଗଲରେ ଚଢ଼ାଉ କରି ଏକ ପିକ୍‌ଅପ ଭ୍ୟାନ୍‌ରୁ ୭୧୩ କିଲୋ ଗଞ୍ଜେଇ ଜବତ କରିଛି । ଏଥିସହ ସେଠାରୁ ୩ଟି ବାଇକ ଜବତ କରାଯାଇଛି। ଚଢ଼ାଉ ବେଳେ ଘଟଣାସ୍ଥଳରୁ ଚାଲାଣକାରୀ ଖସି ଯିବାରେ ସଫଳ ହୋଇଛନ୍ତି। ଏ ନେଇ ଥାନାରେ ନଂ.୩୦/୨୩ରେ ଏକ ମାମଲା ରୁଜୁ ହୋଇଛି। ଫେରାର ଚାଲାଣକାରୀଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ମୁନି ସୂଚନା ଦେଇଛନ୍ତି।

# ଫାଟକରେ ତାଲା: ଫସିରହିଲେ ଅଧକ୍ଷ, କର୍ମଚାରୀ



ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

### ୯ମ ଦିନରେ ଏଲଏଲଏମ ଛାତ୍ରୀଛାତ୍ରଙ୍କ ଧାରଣା

ବ୍ରହ୍ମପୁର ଅଫିସ,୨୧।୨

ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଏଲଏଲଏମ ୨ୟ ବର୍ଷ ପାଠ୍ୟକ୍ରମ ଶେଷ ହୋଇ ନ ଥିବା ବେଳେ ୩ୟ ସେମିଷ୍ଟର ପରୀକ୍ଷା ୧୩ରୁ ୨୨ ତାରିଖ ଯାଏ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ମହାବିଦ୍ୟାଳୟରେ ନ ହୋଇ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ କୋଠାରେ ହେବା ନେଇ ନିଷ୍ପତ୍ତି ହୋଇଛି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ବାତିଲ ସହ ପରୀକ୍ଷା କେନ୍ଦ୍ର ମହାବିଦ୍ୟାଳୟରେ ହେବା ଦାବିକରି ଗତ ୧୩ ତାରିଖରେ ମହାବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆନ୍ଦୋଳନ ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି। ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ଧାରଣା ୯ମ ଦିନରେ ପହଞ୍ଚିଛି। ଦୀର୍ଘ ଦିନ ଧରି ଧାରଣା ସତ୍ତ୍ୱେ କୌଣସି ଦାବି ପୂରଣ ନ ହେବାରୁ ଛାତ୍ରୀଛାତ୍ରମାନେ ଫାଟକରେ ତାଲା ପକାଇଥିଲେ। ଫଳରେ ଦୀର୍ଘ ସମୟ ଧରି ଅଧକ୍ଷ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରେ ଫଶି ରହିଥିଲେ। କୌଣସି କର୍ମଚାରୀଙ୍କୁ ବାହାରକୁ ଆସିବାକୁ ଦେଇ ନ ଥିଲେ। ଏହାପରେ ଅଧକ୍ଷ ନାରାୟଣ ଚରଣ ପଟ୍ଟନାୟକ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ସେ କହିଥିଲେ, ମୋ ହାତରେ କିଛି ନାହିଁ କିମ୍ବା ମୁଁ କିଛି କରିପାରିବି ନାହିଁ। କିନ୍ତୁ ଛାତ୍ରୀଛାତ୍ରମାନେ ନିଜ ଜିଦରେ ଅଟଳ ରହିବା ସହ ଦାବି ପୂରଣ କରିବା ପାଇଁ ଅଡି ବସିଥିଲେ। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବାରୁ ଘଟଣା ସ୍ଥଳରେ ବୈଦ୍ୟନାଥପୁର ଥାନା ଏସ୍‌ଆଇ ବିଭୂତି ସେଠୀ ପହଞ୍ଚି ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି।

# ଆସ୍କାରୋଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୨୧।୨





ଉପସ୍ଥିତ ଅତିଥି ଓ ଶିକ୍ଷକ।

ଆସ୍କାରୋଡ଼ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ତିନିଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପ୍ରଧାନଶିକ୍ଷକ ରାଜେଶ କୁମାର ତାରିଣୀ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ଼ ଅଧକ୍ଷ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭବେ ସ୍ଥାନୀୟ କର୍ପୋରେଟର ସବିତା ସାହୁ ଉପସ୍ଥିତ ଥିଲେ। ରଙ୍ଗେଇଲୁଣ୍ଡା ଏବିଇଓ ଜୟସେନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ମାନେ କ୍ରୀଡ଼ା ଦିବସ ଶପଥ ପାଠ କରିବା ସହ କ୍ରୀଡ଼ାରମ୍ଭ ହୋଇଥିଲା। ପ୍ରଥମ ଦିନ ବାଟି ଚାମଚ, ଲମ୍ବଡ଼ିଆଁ, ଉଚ୍ଚା ଡ଼ିଆଁ, ଶଟପୁଟ, ଡ଼ିସ୍‌କସ୍, କବାଡ଼ି, ବଲଥ୍ରୋ ଭଳି ବହୁ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବିଭିନ୍ନ ବର୍ଗ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ।

### ନାବାଳିକା ବଳାତ୍କାର ମାମଲାରେ ଜଣେ ଗିରଫ

ଖଜୁରିପଡା,୨୧।୨: ଜଣେ ନାବାଳିକା ବଳାତ୍କାର ମାମଲାରେ ଖଜୁରିପଡା ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ନାବାଳିକାଙ୍କ ପରିବାର ତରଫରୁ ହୋଇଥିବା ଅଭିଯୋଗ ପ୍ରକାରେ ନାବାଳିକା ଜଣକ ଘରେ ରହିଥିବା ବେଳେ ତାଙ୍କର ପରିବାର ଲୋକଙ୍କ ଘରେ ଅନୁପସ୍ଥିତର ସୁଯୋଗ ନେଇ ଅଭିଯୁକ୍ତ ପଙ୍କଜ ଦିଗାଲ ନାବାଳିକାଙ୍କୁ କିଛି ଟଙ୍କା ଯାଚିବା ସହ ଘର ଭିତରକୁ ନେଇ ଜବରଦସ୍ତି ବଳାତ୍କାର କରିଥିବା ନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ କହିଥିଲେ। ଏ ନେଇ ପୋଲିସ ନଂ. ୨୧/୨୩ ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ଗେଲ୍ଲୀ କୁମାରୀ ସାହୁ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବନିତା





@ ଖୀରାବ୍ଧୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ପ୍ରତ୍ୟେକ ଦେଶର ମାତୃଭାଷା ତା'ର ଅମୂଲ୍ୟ ସମ୍ପଦ'

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଭାଷା ଦିବସ

ବ୍ରହ୍ମପୁର ଅଫିସ,୨୧।୨





କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ଅନ୍ୟମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୁଳପତି ଦାଶ ପ୍ରତ୍ୟେକ ଦେଶର ମାତୃଭାଷା ତା'ର ଅମୂଲ୍ୟ ସମ୍ପଦ ବୋଲି ଉଲ୍ଲେଖ କରିଥିଲେ। ସାହିତ୍ୟର ବହୁ କବି ଓ ମନୀଷୀଙ୍କର ଉଦାହରଣ ଦେଇ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଓଡ଼ିଆଙ୍କ ମାତୃଭାଷା ପ୍ରୀତି ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟାପକ ଡ. ଦେବୀପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଡ. ସଦାନନ୍ଦ ନାୟକ, ସହକାରୀ ପ୍ରଫେସର ଡ. ସମୀର ଭୋଇ, ଅଧ୍ୟାପକ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସମେତ ଗବେଷକ ରୋହିତ ବାରିକ, ଆର୍ଯ୍ୟରଶ୍ମି ଦଳାଇ, ଧ୍ରୁବ ସେଠୀ, ସୁମିତ୍ରା ପୃଷ୍ଟି, ପଦ୍ମଲୋଚନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ମଧ ମାତୃଭାଷା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଭାଷା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ.କାହ୍ନୁ ଚରଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଅତିଥିମାନେ ମାତୃଭାଷା ଦିବସର ମହତ୍ତ୍ୱ ବୁଝାଇବା ସହ ଓଡ଼ିଆ ଭାଷା ସାହିତ୍ୟର ବିଦ୍ୟାର୍ଥୀ ମାନେ ହେଉଛନ୍ତି ଓଡ଼ିଆଭାଷାର ପ୍ରମୁଖ ପ୍ରବକ୍ତା। ଏଥିରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ.ଯତୀନ୍ଦ୍ର ଭୂଷଣ ନନ୍ଦ, ଡ.ଦେବାଶିଷ ମହାପାତ୍ର, ଡ.ବନମାଳୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ମାତୃଭାଷା ଦିବସ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିଥିଲେ।

# ଜି.ଉଦୟଗିରିରେ ୨ଶହ ଟଙ୍କା ନକଲି ନୋଟ





୨ଶହ ଟଙ୍କିଆ ନକଲି ନୋଟ ।

ଜି.ଉଦୟଗିରି, ୨୧।୨: କନ୍ଧମାଳ ଜିଲା ଜି.ଉଦୟଗିରି ବଜାରରେ ୨ଶହ ଟଙ୍କିଆ ନକଲି ନୋଟ ଧରାପଡିଛି। ବ୍ରଜ ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତିଙ୍କର ବଜାରରେ ଏକ ପକୋଡା ଦୋକାନ ରହିଛି। ମଙ୍ଗଳବାର ସନ୍ଧ୍ୟାରେ ଗହଳି ସୁଯୋଗ ନେଇ କେହି ଜଣେ ବ୍ୟକ୍ତି ଏକ ନକଲି ୨ଶହ ଟଙ୍କା ଦେଇ ପକୋଡା ନେଇ ଚାଲିଯାଇଥିଲେ। ଗହଳି ସମୟରେ ତାହା ଜଣାପଡି ନ ଥିଲା। ଜଣାପଡିବା ପରେ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି ।

# ବର୍ଷାଦିନ ପୂର୍ବରୁ ଡ୍ରେନ୍ ମରାମତି, ନୂତନ ନିର୍ମାଣ ନିଷ୍ପତ୍ତି



ବୈଠକରେ ଉପସ୍ଥିତ ବିଇଏମସି ଅଧିକାରୀ ଓ ଅନ୍ୟ ଅଧିକାରୀ ବୃନ୍ଦ।

### ବିଇଏମ୍‌ସି ସମନ୍ୱୟ ବୈଠକ

- ପୋଖରୀ ସୌନ୍ଦର୍ଯ୍ୟକରଣ, ଖେଳ ପଡ଼ିଆର ଉନ୍ନତୀକରଣ
- ଆସିକା ରୋଡ୍-ଆମ୍ବପୁଆ ବାଇପାସ୍ ନିର୍ମାଣ ପ୍ରସ୍ତାବ

ବ୍ରହ୍ମପୁର ଅଫିସ,୨୧।୨

ସହରର ଉନ୍ନତି ନେଇ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ନୂତନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ।

ଏଥିରେ ୪୭ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସହରର ରାସ୍ତାଘାଟ ଓ ଡ୍ରେନ୍ ମରାମତି ଓ ନୂତନ ନିର୍ମାଣ ନେଇ ନିଷ୍ପତ୍ତି ନିଆଯାଇଥିଲା। ସହରରେ ୨୯୬ କି.ମି.ଡ୍ରେନ୍ ରହିଛି, ଏହାକୁ ବର୍ଷାଦିନ ପୂର୍ବରୁ ମରାମତି ସହ ନୂତନ ଡ୍ରେନ୍ ତିଆରି ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନରେ ଡ୍ରେନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ। ଏଥିସହ ସହରରେ ପ୍ରାୟ ୧୦୨ କି.ମି.ରାସ୍ତା ନିଗମ ଅଧୀନରେ ରହିଛି। ସେଗୁଡିକୁ ମଧ ମରାମତି କରାଯିବ। ବେଢାବନ୍ଧ, ହରିଡାଖଣ୍ଡି, ଆଗୁଳା ବନ୍ଧ ଓ ଆଇନାବନ୍ଧର ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଦଳ ସଫେଇ ମେଶିନ କିଣାଯାଇଛି, ପହଞ୍ଚିବା ପରେ କାମ ଆରମ୍ଭ ହେବ। କେସି ଟାଉନ ହାଇସ୍କୁଲ, ସିଟି ହାଇସ୍କୁଲ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆର ଉନ୍ନତୀକରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କମାପଲ୍ଲୀ ଓ ବିଜିପୁର ସମେତ ଅନ୍ୟାନ୍ୟ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ପରିବା ବ୍ୟବସାୟୀଙ୍କ ନିମନ୍ତେ ପ୍ରାୟ ୧୫ରୁ ୨୦ଟି ଭେଣ୍ଡିଂ ଜୋନ୍ ହେବ। ଶ୍ମଶାନ ଉନ୍ନତୀକରଣ ସାଙ୍ଗକୁ ଆସିକା ରୋଡଠାରୁ ବ୍ରହ୍ମପୁର ବଡ ଡାକ୍ତରଖାନା ଦେଇ ଆମ୍ବପୁଆ ପର୍ଯ୍ୟନ୍ତ ବାଇପାସ୍ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରହିଥିଲା। ଏଥିନିମନ୍ତେ ଯୋଜନା ପ୍ରସ୍ତୁତ ପରେ ଜମି ଅଧିଗ୍ରହଣ ନେଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ଏଥିସହ ସହରରେ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ ଓ ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିବା ନେଇ ଆଲୋଚନା ହୋଇଥିଲା। କିନ୍ତୁ ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ ହେଉଥିବାରୁ କାର୍ଯ୍ୟାଳୟ ପରିବର୍ତ୍ତେ ତାଲିମ କେନ୍ଦ୍ର ଓ ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟର ପ୍ରତିଷ୍ଠା କରାଯିବା ନେଇ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ଜେ. ସୋନାଲ, ଅତିରିକ୍ତ କମିଶନର ସମ୍ପିତ ରାଉତ ଓ ଡେପୁଟି କମିଶନର ବିନୋଦ କୁମାର ବେହେରା ଉପସ୍ଥିତ ଥିଲେ। ଏଥିସହ ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାନ୍ଦା ମାଗି ଧମକ ଦେବା ଅଭିଯୋଗ

ବ୍ରହ୍ମପୁର ଅଫିସ,୨୧।୨

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ଜଣେ ମନ୍ଦିର ପରିଚାଳକ ତଥା ପୂଜକଙ୍କୁ ସେହି ଅଞ୍ଚଳର କେତେକ ଯୁବକ ଚାନ୍ଦା ମାଗିବା ଏବଂ ସେ ମନା କରିବାରୁ ଗାଳିଗୁଲଜ କରିବା ସହ ବୃତ୍ତି ଛଡ଼ାଇ ଦେବାନେଇ ଧମକ ଦେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୨୩/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଲାଠି ଗ୍ରାମର ମହେଶ୍ୱର ରାଉଳ (୬୫) ବ୍ରହ୍ମେଶ୍ୱର ମନ୍ଦିର ପୂଜକ ଭାବେ କାର୍ଯ୍ୟ କରନ୍ତି। ଗତ ୧୮ତାରିଖ ଦିନ ମନ୍ଦିରରେ ଜାଗର ଯାତ୍ରା ଯଥାରୀତି ସମ୍ପନ୍ନ ହୋଇଥିଲା। ୧୯ ତାରିଖ ସକାଳେ ମହେଶ୍ୱର ମନ୍ଦିରରେ ପୂଜା କରୁଥିବା ବେଳେ ସେହି ଗ୍ରାମର ୫ଜଣ ଯୁବକ ତାଙ୍କ ପାଖରେ ପହଞ୍ଚି ନାମ ସଂକୀର୍ତ୍ତନ ପାଇଁ ଚାନ୍ଦା ମାଗିଥିଲେ। କିନ୍ତୁ ମନ୍ଦିର ପକ୍ଷରୁ ଚାନ୍ଦା ଦେବା ଦାୟିତ୍ୱ ତାଙ୍କର ନୁହେଁ କି ତାଙ୍କ ପାଖରେ ଚାନ୍ଦା ଦେବାକୁ ଅର୍ଥ ନ ଥିବା ମହେଶ୍ୱର ପ୍ରକାଶ କରିଥିଲେ। ଏଥିରେ ସେମାନେ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ କରିଥିଲେ।

# ଚୋରି ମାମଲା: ୨ ଅଭିଯୁକ୍ତଙ୍କୁ ୬ମାସ ଜେଲ

ପାରଳାଖେମୁଣ୍ଡି, ୨୧।୨ (ଡି.ଏନ୍.ଏ):

ଏକ ଚୋରି ମାମଲାର ବିଚାର କରି ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ବର୍ଷା ଶର୍ମା ଅଭିଯୁକ୍ତ ଦ୍ୱୟଙ୍କୁ ୬ ମାସ ଦଣ୍ଡ ବିଧାନ ସହ ୨ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଅଭିଯୋଗକାରୀ ଭୁବନେଶ୍ୱର ପାଣି ସେରଙ୍ଗ ଥାନାରେ ଗତ ୨୦୨୨ ଅକ୍ଟୋବର ୫ରେ ଏକ ଚୋରି ଅଭିଯୋଗ କରିଥିଲେ । ସେରଙ୍ଗ ଥାନାର ପ୍ରଫୁଲ୍ଲ ଦାସରଙ୍ଗା ତଦନ୍ତ କରି ଅଭିଯୁକ୍ତ ଗିଡିଆନ ଗମାଙ୍ଗ ଏବଂ ସାମୁଏଲ ଗମାଙ୍ଗଙ୍କୁ ଗିରଫ କରିଥିଲେ। ମଙ୍ଗଳବାର ଏହି ମାମଲାର ବିଚାର କରି ଏସ୍‌ଡିଜେଏମ ଶ୍ରୀମତୀ ଶର୍ମା ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ଏପିପି ଲଳିତ ରଞ୍ଜନ ଗମାଙ୍ଗ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

କ.ନୂଆଗାଁ,୨୧।୨: କ. ନୂଆଗାଁ ପୋଲିସ ଦାରିଙ୍ଗବାଡି ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ବାଲିଗୁଡ଼ା ପଟୁ ଏକ ବାଇକ୍‌ରେ ଗଞ୍ଜେଇ ଧରି ଆସୁଥିବା ଦୁଇ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ନୟାଗଡ଼ ଅଞ୍ଚଳର ବିରଞ୍ଚି କୁମାର ପ୍ରଧାନ ଓ ରାଜକୁମାର ପ୍ରଧାନ। ଅଭିଯୁକ୍ତମାନେ ବାଇକ ଯୋଗେ ୧୫ କିଲୋ ୬୦୦ ଗ୍ରାମ୍‌ର ଗଞ୍ଜେଇ ନେଇ ବାଲିଗୁଡାରୁ ନୟାଗଡ଼ ଚାଲାଣ ବେଳେ ଧରାପଡ଼ିଛନ୍ତି। କ.ନୂଆଗାଁ ପୋଲିସ ନଂ.୨୭/୨୩ରେ ମାମଲା ରୁଜୁକରି ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଦୁର୍ଘଟଣାରେ ଆହତ ସାମାଜିକ କର୍ମୀ ମୃତ

ଛତ୍ରପୁର,୨୧।୨(ଡି.ଏନ.ଏ)– ଛତ୍ରପୁର ବ୍ଲକ ଅନ୍ତର୍ଗତ କଣମଣା ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ବଳରାମ ବେହେରା ଗତ ଅକ୍ଟୋବର ୨୭ ତାରିଖରେ ଛତ୍ରପୁରଠାରୁ ନିଜ ଗ୍ରାମ କଣମଣା ଯିବା ସମୟରେ ବାଇକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ପରେ ସେ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଗତ ୧୮ ତାରିଖରେ ଚିକିତ୍ସିତ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଗୋପାଳପୁର ବନ୍ଦରର ଜଣେ କାର୍ଯ୍ୟରତ କର୍ମଚାରୀ ଥିବା ହେତୁ ବଳରାମ ବେହେରାଙ୍କ ବିୟୋଗରେ ବନ୍ଦର କର୍ତ୍ତୃପକ୍ଷ ଓ କର୍ମଚାରୀ ଦୁଃଖ ପ୍ରକାଶ କରିବା ସହ ବନ୍ଦର ପରିସରରେ ଶୋକସଭା ଅନୁଷ୍ଠିତ କରିଥିଲେ। ଏଥିସହିତ ବଳରାମ ବେହେରାଙ୍କ ପରିବାରକୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ଶ୍ରୀମା'ଙ୍କ ଜୟନ୍ତୀ ପାଳିତ

ବୁଗୁଡ଼ା,୨୧।୨(ଡି.ଏନ୍.ଏ.)–ବୁଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ମଙ୍ଗଳବାର ଶ୍ରୀମା'ଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନାମଜପ ସହ ମାତୃ ପତାକା ଉତ୍ତୋଳନ ପୂର୍ବକ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ମୁଖ୍ୟବକ୍ତା ଭାବେ ମାତୃପ୍ରେମୀ ଟି.ସୁଦର୍ଶନ ପାତ୍ର, ସମ୍ମାନିତ ଅତିଥି ଭାବେ ରଘୁନାଥ ସାହୁ ଓ ବିପିନ ରଥ ଯୋଗଦେଇ ଦିବ୍ୟଜନନୀ ଶ୍ରୀମା'ଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରୀମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧକ୍ଷ ହରିହର ମହାରଣା ପରିଚାଳନା କରିଥିବା ବେଳେ ପରିଶେଷରେ ଶିକ୍ଷକ ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡ଼ା,୨୧।୨(ଡି.ଏନ.ଏ.)–ବୁଗୁଡା ବ୍ଲକ ଅନ୍ତର୍ଗତ ଏ କରଡ଼ାବାଡି ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଶଙ୍କର ଚକ୍ଷୁ ଚିକିତ୍ସାଳୟ ତରଫରୁ ଏକ ବିଶାଳ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏ କରଡାବାଡି ସରପଞ୍ଚ ରିଙ୍କି ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମିତି ସଭ୍ୟା ଶିବାନୀ ନାୟକ ଓ ବ୍ଲକ ଅଧକ୍ଷା ପ୍ରତିନିଧି କେ. ନୀଳମାଧବ ଆଚାରୀ ଯୋଗ ଦେଇଥିଲେ। ଶିବିରରେ ୪୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ବେଳେ ତନ୍ମଧ୍ୟରୁ ୧୬ ଜଣଙ୍କ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା।

### ବିଶ୍ୱ ମାତୃଭାଷା ଦିବସ

ପାରଳାଖେମୁଣ୍ଡି, ୨୧।୨ (ଡି.ଏନ୍.ଏ): ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମଙ୍ଗଳବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାତୃଭାଷାକୁ ଦୈନନ୍ଦିନ ଜୀବନରେ ବହୁଳ ମାତ୍ରାରେ ପ୍ରୟୋଗ କରିବା ପାଇଁ ପ୍ରେରଣା ଦେଇଥିଲେ। ଶେଷରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ମାତୃଭାଷା ଆଧାରିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ମାତୃଭାଷା ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୬୦% ଜବ୍‌କାର୍ଡଧାରୀ କାମ ପାଇଁ ଇଚ୍ଛୁକ ନୁହନ୍ତି

**ଏମଜିଏନ୍‌ଆରଇଜିଏସ୍**

■ କାମ ପରେ ମଜୁରି ପାଇଁ ହଇରାଣ ହେଉଛନ୍ତି ହିତାଧିକାରୀ




ଫୁଲବାଣୀ ଅଫିସ, ୨୧।୨

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏହି ଯୋଜନାରେ ବ୍ଲକ ସମେତ ଅନ୍ୟ ବିଭାଗରେ କାମ କରାଯାଉଛି। ବିଶେଷ କରି କୋଭିଡ ପରେ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ଅଧିକ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ସରକାରଙ୍କ ଏହି ନିଷ୍ପତ୍ତି ବିନା ସର୍ଭେରେ ହେଲା ଭଳି କାର୍ଯ୍ୟରୁ ସ୍ପଷ୍ଟ ବାରିହେଉଛି। ଜବକାର୍ଡଧାରୀ ପଞ୍ଚାୟତରେ କାମ ପାଇଁ ଆବେଦନ କଲେ ସେମାନଙ୍କୁ ଏହି ଯୋଜନାରେ କାମ ଦିଆଯିବା କଥା। କିନ୍ତୁ ଏବେ ସବୁ ଓଲଟା। କନ୍ଧମାଳ ଜିଲାରେ ଯେତିକି ପ୍ରକଳ୍ପ ଏବେ କାର୍ଯ୍ୟକାରୀ ହେଉଛି, ସେହି ଅନୁସାରେ ଜବକାର୍ଡଧାରୀ କାମ ମାଗି ନାହାନ୍ତି। ଅପରପକ୍ଷେ ବ୍ଲକ ସମେତ ଅନ୍ୟ ବିଭାଗରେ ଅଧିକାଂଶ କାର୍ଯ୍ୟ ଏହି ଯୋଜନାରେ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ବର୍ତ୍ତମାନ କାମ କରିବା ପରେ ଖାଲି ମଜୁରୀ ମିଳୁଥିବା ବେଳେ ମ୍ୟାଟେରିଆଲ ବିଲ୍ ମିଳୁନାହିଁ। ସ୍ଥିତି ଏପରି ହୋଇଛି କାମ କରି ସାରିବା ପରେ ସମସ୍ତେ ହଇରାଣ ହେଉଛନ୍ତି। ଫଳରେ ଯେତିକି କାର୍ଯ୍ୟ ହେବା କଥା ତାହା ହୋଇପାରୁନାହିଁ।

ଏମ୍‌ଜିଏନ୍‌ଆରଇଜିଏସ୍‌ର ମୂଳ ଲକ୍ଷ୍ୟ ଅଣକୁଶଳୀ ଶ୍ରମିକମାନଙ୍କୁ ବର୍ଷକୁ ୧୦୦ ଦିନର କାମ ଯୋଗାଇ ଦେବା। ଦିନକୁ ମଜୁରୀ ୨୨୨ ଟଙ୍କା ହିସାବରେ ଯଦି ଜଣେ ୧୦୦ ଦିନର କାମ କରିବ ତାଙ୍କୁ ୨୨ ହଜାର ୨୦୦ ଟଙ୍କା ମିଳିବ। ଅନୁସନ୍ଧାନରୁ ଜଣାପଡିଛି ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜବ କାର୍ଡଧାରୀ କାମ କରିବାକୁ ଇଚ୍ଛୁକ ନୁହନ୍ତି କି ସେମାନେ କାମ କରିବା ପାଇଁ ଆବେଦନ କରୁନାହାନ୍ତି। ଜିଲାରେ ଚାଲିଥିବା ଅଧିକାଂଶ କାର୍ଯ୍ୟରେ ମେସିନ ବ୍ୟବହୃତ ହେଉଛି।

୨୦୨୨–୨୩ ଆର୍ଥିକ ବର୍ଷରେ ରୁରାଲ ଇନଫ୍ରାଷ୍ଟ୍ରକଚରରେ ଅଙ୍ଗନୱାଡ଼ି ଗୃହ, ରୋଷେଇ ଗୃହ, ଗ୍ରାମୀଣ ପାର୍କ, ସ୍କୁଲ ଖେଳ ପଡିଆ, ଲାଇବ୍ରେରି, କମ୍ପାଉଣ୍ଡ ୱାଲ ଆଦି କାର୍ଯ୍ୟ ହେଉଛି। ଜିଲାର ୧୨ଟି ବ୍ଲକରେ ଆଜି ପର୍ଯ୍ୟନ୍ତ ମାତ୍ର ୧୮୬ଟି କାର୍ଯ୍ୟ ଶେଷ ହୋଇଥିବା ବେଳେ ୮୧୫ଟି କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଜମି ଉନ୍ନତିକରଣ ସ୍କିମରେ ୧୭୪୦ ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୭୯୩ କାର୍ଯ୍ୟ ଅଧାପନ୍ତରିଆ, ଜଳ ସେଚନ ଲାଗି ମାଟି ଖୋଳା, କେନାଲ ଆଦି କାର୍ଯ୍ୟରେ ୧୯୩୮ଟି ସମ୍ପୂର୍ଣ୍ଣ, ୬୫୩୮ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ନିଜସ୍ୱ ଜମିରେ କାର୍ଯ୍ୟକୁ ଅନୁଧ୍ୟାନ କଲେ ଯୋଜନାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠିଛି। ଏହି ସ୍କିମରେ ଜବକାର୍ଡଧାରୀମାନେ ନିଜସ୍ୱ ଜମିରେ ଫାର୍ମ ପଣ୍ଡ, କୂଅ, ଗୁହାଳ ଆଦି କରିଛନ୍ତି। ସେଥି ମଧ୍ୟରୁ ଆଜି ପର୍ଯ୍ୟନ୍ତ ୨୫୬୦ଟି କାର୍ଯ୍ୟ ଶେଷ ହୋଇଛି। ୬୦୨୯ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ମ୍ୟାଟେରିଆଲ ବିଲ ମିଳୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଧାର ଉଧାର କରି କାମ କରିଥିବା ଜବକାର୍ଡଧାରୀ ବର୍ତ୍ତମାନ କେଉଁ ପରିସ୍ଥିତିରେ ଥିବେ ତାହା ସହଜରେ ଅନୁମେୟ। ମୋଟ ଉପରେ ଦେଖିବାକୁ ଗଲେ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୦ ହଜାର ୫୧୬ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୩ ହଜାର ୭୪୮ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ୨୦ ହଜାର ୩୧୭ଟି କାର୍ଯ୍ୟ ମଞ୍ଜୁର ହୋଇଛି, କିନ୍ତୁ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ୩୬ ହଜାର ୪୭୨ଟି ପ୍ରକଳ୍ପ ଲାଗି ପ୍ରସ୍ତାବ ଦିଆଯାଇଛି, ଯାହା ମଞ୍ଜୁର ପାଇବାକୁ ଅଛି। ଏ ସଂକ୍ରାନ୍ତରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ମ୍ୟାଟେରିଆଲ ବିଲ୍ ଆସିବାରେ ବିଳମ୍ବ ହେଉଛି। ଯେତେବେଳେ ଆସୁଛି ବାକି ଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି। ଶୀଘ୍ର ଏହି ବିଲ ଆସିଲେ କାର୍ଯ୍ୟରେ ଅସୁବିଧା ହୁଅନ୍ତା ନାହିଁ ବୋଲି କହିଛନ୍ତି।

## ଚେନ୍ନାଇରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର,୨୧।୨(ଡି.ଏନ.ଏ.)

ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ଗୁଡିପଦର ଗ୍ରାମର କୃଷ୍ଣ ଶବରଙ୍କ ଚେନ୍ନାଇର କୋଏମ୍ବାଟୁରରେ ରବିବାର ମୃତ୍ୟୁ ଘଟିଛି। କୃଷ୍ଣ ଓ ତାଙ୍କ ସ୍ତ୍ରୀ ଶ୍ରମିକ ଭାବେ କୋଏମ୍ବାଟୁର ଅଞ୍ଚଳରେ ଏକ ରାସ୍ତା କାମରେ ଯୋଗ ଦେଇଥିଲେ। ଗତ ଶୁକ୍ରବାର କୃଷ୍ଣ କାମ କରିବାକୁ ଯାଇଥିବା ବେଳେ ହଠାତ ମୁହଁ ବୁଲେଇ ତଳେ ପଡି ଯାଇଥିଲେ। ତାଙ୍କୁ ସେଠାରେ ଉପସ୍ଥିତ ଥିବା ଶ୍ରମିକମାନେ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଦେଖି ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ସାଥିରେ ରହୁଥିବା ଗ୍ରାମର ଲୋକମାନେ ତାଙ୍କ ମୃତଦେହ ଆଣିବା ପାଇଁ ଚେଷ୍ଟା କରିଥିଲେ, ହେଲେ ପାଖରେ ଅର୍ଥର ଅଭାବ ଯୋଗୁ ସେହିଠାରେ ସତ୍କାର କରାଯାଇଥିବା ଜଣେ ଗ୍ରାମବାସୀ କହିଛନ୍ତି।

## ଜଙ୍ଗଲ ସୁରକ୍ଷା ପାଇଁ ଡିଏଫ୍‌ଓ ସାଇକେଲରେ ବୁଲିଲେ



ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ସାଇକେଲରେ ଗ୍ରାମ ପରିକ୍ରମା କରୁଛନ୍ତି ଡିଏଫ୍‌ଓ।

ଭଞ୍ଜନଗର,୨୧।୨(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ମଙ୍ଗଳବାର ସାଇକେଲ ଯୋଗେ ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ବାହାରିଥିଲେ। କେନ୍ଦ୍ରୀୟ ବନାଞ୍ଚଳ କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନଙ୍କ ସହ ମିଶି ସାଇକେଲ ଯୋଗେ ବିଭିନ୍ନ ଗ୍ରାମ ପରିକ୍ରମା କରି ଜଙ୍ଗଲ ପୋଡ଼ି କିଭଳି ନ ହେବ ସେଥିପାଇଁ ଲୋକଙ୍କୁ ସଚେତନ କରାଇଥିଲେ। ଉକ୍ତ ସାଇକେଲ ଶୋଭଯାତ୍ରା କଣ୍ଟେଇପଲ୍ଲୀରୁ ବାହାରି ବାଟରେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ କେନ୍ଦ୍ରୀୟ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ଏକ ସଚେତନତା ସଭାରେ ଡିଏଫ୍‌ଓ ବେହେରା ଅଧକ୍ଷତା କରି ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୩ ବଖରା ଜଳିଗଲା

ଖଲ୍ଲିକୋଟ,୨୧।୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତର ଦେଉଳିଆପଲ୍ଲୀ ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ଗ୍ରାମର ତିନୋଟି ପରିବାରର ୩ଟି ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି। ଦେଉଳିଆପଲ୍ଲୀ ଗ୍ରାମର କବିରାଜ ନାୟକ, ନିରଞ୍ଜନ ନାୟକ ଓ ସୁଶାନ୍ତ ନାୟକଙ୍କ ଘରେ ସୋମବାର ନିଆଁଲାଗି ତିନୋଟି ଘର ଜଳିବାକୁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଗ୍ରାମରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ। ତେବେ କବିରାଜ ନାୟକ, ନିରଞ୍ଜନ ନାୟକ ଓ ସୁଶାନ୍ତ ନାୟକଙ୍କ ଘର ଓ ଘରେ ଥିବା ଆସବାବ ପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତି ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଉକ୍ତ ତିନୋଟି ପରିବାର ଏବେ ବାସହରା ହୋଇପଡ଼ିଛନ୍ତି। ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ସନ୍ଧ୍ୟାରେ ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେବାସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟିକାଙ୍କ ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ଭାରତୀ ବେହେରା, ଖଲ୍ଲିକୋଟ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମିତାଞ୍ଜଳି ମିଶ୍ର, ବିଜେଡି ଜିଲା ଯୁବ ସମ୍ପାଦକ କୁମର ସାହୁ, ସ୍ୱେଚ୍ଛାସେବୀ ସମିଧ ପଟ୍ଟନାୟକଙ୍କ ସହ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶ୍ରୀମା'ଙ୍କ ୧୪୫ତମ ଜୟନ୍ତୀ



ଶିକ୍ଷା କେନ୍ଦ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅତିଥି।

ଭଞ୍ଜନଗର,୨୧।୨(ଡି.ଏନ.ଏ)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତି ପୀଠ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମା'ଙ୍କ ୧୪୫କପ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଆଶ୍ରମର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିଭଳି ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ମଧ୍ୟ ଏହି ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଭଞ୍ଜନଗର ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମା'ଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଶିକ୍ଷାକେନ୍ଦ୍ର ଅଧକ୍ଷ ବସନ୍ତ କୁମାର ଖାଡ଼ଙ୍ଗା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷା କେନ୍ଦ୍ରର ସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳ ଉତ୍ସବରେ ଅଧକ୍ଷତା କରିଥିଲେ। ଶ୍ରୀଅରବିନ୍ଦଙ୍କ ଦ୍ୱାରା ଧରାପୃଷ୍ଠକୁ ଅବତରଣ କରାଯାଇଥିବା ଅତିମାନସ ଶକ୍ତିର କାର୍ଯ୍ୟକାରିଣୀ ଶକ୍ତି ଭାବରେ କରୁଣାମୟୀ ମା' ସମ୍ପ୍ରତି କିପରି କାର୍ଯ୍ୟରତ ସେ ସମ୍ପର୍କରେ ଅତିଥିମାନେ ଆଲୋଚନାରେ ଆଲୋକପାତ କରିଥିଲେ। ସାଧିକା ସୁନିତା ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଉତ୍କଳ କୃଷି ମେଳା ଆୟୋଜିତ

ପାରଳାଖେମୁଣ୍ଡି, ୨୧।୨ (ଡି.ଏନ୍.ଏ):

ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଉନ୍ନତ କୃଷି ଅଭ୍ୟାସ ବିଷୟରେ ଅବଗତ କରାଇବା ପାଇଁ ମଙ୍ଗଳବାର ପାରଳାଖେମୁଣ୍ଡିରେ କୃଷି ଜାଗରଣ ସହ ମିଳିତ ଭାବରେ ସେଞ୍ଚୁରିଆନ ଟେକ୍ନୋଲୋଜି ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ହୋଇଛି ଦ୍ୱିତୀୟ 'ଉତ୍କଳ କୃଷି ମେଳା'। ଏହା ଦୁଇଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମରେ ଓୟୁଏଟିର ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ନଟବର ସାରଙ୍ଗୀ, ଡକ୍ଟର ଅନୀତା ପାତ୍ର, କୃଷି ଜାଗରଣର ମୁଖ୍ୟ ସମ୍ପାଦକ ଏମ୍‌ସି ଡୋମିନିକ ଏବଂ ଏମ.ଏସ୍ ସ୍ୱାମୀନାଥନ ସ୍କୁଲ ଅଫ ଏଗ୍ରିକଲଚରର ଡିନ ତଥା ପ୍ରଫେସର ଦେବେନ୍ଦ୍ର ରେଡି ଉପସ୍ଥିତ ରହି କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଅଗ୍ରଗତି ଏବଂ ଟେକ୍ନୋଲୋଜି ସ୍ଥାନାନ୍ତରଣରେ କୃଷି ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କୃଷି ମେଳାରେ ସରକାରୀ ଏବଂ ବେସରକାରୀ ସଂଗଠନ ଅଂଶଗ୍ରହଣ କରିଥିଲେ। ସେହିପରି ପ୍ରଥମ ଦିନରେ କୃଷକମାନେ ଅନେକ ଅତ୍ୟାଧୁନିକ କୃଷି–ରାସାୟନିକ ପଦାର୍ଥ, କୃଷି ଯନ୍ତ୍ରପାତି ଏବଂ ଜୈବିକ କୃଷି, ସଂରକ୍ଷିତ ଚାଷ, ହାଇଡ୍ରୋପୋନିକ୍ସ ଚାଷ ଇତ୍ୟାଦିର ଅଭ୍ୟାସ ବିଷୟରେ ସୂଚନା ଦିଆଯାଇଥିଲା।

## ୨୦୨୩–୨୪ ପାଇଁ ପାଠ୍ୟ ପୁସ୍ତକ ଯୋଗାଣ

ବୁଗୁଡ଼ା,୨୧।୨(ଡି.ଏନ.ଏ.)

ଆସନ୍ତା ଶିକ୍ଷାବର୍ଷ ୨୦୨୩–୨୪ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପାଠ୍ୟ ପୁସ୍ତକ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟରେ ପହଞ୍ଚିଛି। ତେବେ ୨ଟି ପର୍ଯ୍ୟାୟରେ ବିଭିନ୍ନ ଶ୍ରେଣୀର କେତେକ ବିଷୟର ମୋଟ ୫୨ ହଜାର ଖଣ୍ଡ (ପ୍ରାୟ ୪୦%) ବହି ପହଞ୍ଚିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ବହି ଆସି ପହଞ୍ଚିବ ବୋଲି ଏବିଇଓ ସୀମାଞ୍ଚଳ ସେଠୀଙ୍କ ଠାରୁ ପ୍ରକାଶ। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ କବିବର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଆସନ୍ତା ଏପ୍ରିଲ ମାସ ୨ ତାରିଖରୁ ନାମଲେଖା ଆରମ୍ଭ ହେବାକୁ ଥିବା ବେଳେ ଶୀଘ୍ର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଯୋଗାଣ କାର୍ଯ୍ୟ ଆରମ୍ଭ ହେବା ନେଇ ଏବିଇଓଙ୍କ ଠାରୁ ଜଣାପଡ଼ିଛି।

## ମଣ୍ଡିରେ ଧାନ କାଟ୍, ଭାଜପାର ସତ୍ୟାଗ୍ରହ




ସତ୍ୟାଗ୍ରହରେ ସାମିଲ ଭାଜପା କର୍ମୀ।

ଆସିକା,୨୧।୨(ଡି.ଏନ.ଏ.)

ଆସିକା ବ୍ଲକର ବିଭିନ୍ନ ଧାନମଣ୍ଡିରେ ଅନାବଶ୍ୟକ ଭାବେ ଚାଷିଠାରୁ କୁଇଣ୍ଟାଲ ପିଛା ୫ ରୁ ୬ କେଜି ଧାନ କଟାଯାଉଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ଘୁମୁସର ସାଙ୍ଗଠନିକ ଜିଲା ପକ୍ଷରୁ ସ୍ଥାନୀୟ ବ୍ଲକ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା। ଏତଦ ଅବସରରେ ଆସିକା ବିଡିଓଙ୍କ ଜରିଆରେ ଗଞ୍ଜାମ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବି ପତ୍ରରେ କଟନୀ ଛଟନୀ ନାମରେ ବିଭିନ୍ନ ସମିତି ସମ୍ପାଦକ, ମିଲର ଓ ବ୍ଲକ ଯୋଗାଣ ନିରୀକ୍ଷକ ଚାଷିଙ୍କ ଧାନରୁ କାଟି ରଖୁଥିବା ଅଭିଯୋଗ କରାଯାଇଥିଲା। ତୁରନ୍ତ ସେମାନଙ୍କୁ ସେମାନଙ୍କ କଟନୀ ଛଟନୀ ମୂଲ୍ୟ ଫେରାଇବା ଲାଗି ଦାବି କରାଯିବା ସହ ଏଥିରେ ବ୍ୟତିକ୍ରମ ହେଲେ ଆଗାମୀ ଦିନରେ ଚାଷିମାନଙ୍କ ପାଇଁ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଶ୍ରୀନିବାସ ଭଞ୍ଜଙ୍କ ନେତୃତ୍ୱରେ ଏହି ସତ୍ୟାଗ୍ରହରେ ଉମାଚରଣ ପ୍ରଧାନ, ଶ୍ରୀଧର ସ୍ୱାଇଁ, ପ୍ରମୋଦ ପ୍ରଧାନଙ୍କ ସମେତ ବହୁ ଚାଷୀ ସାମିଲ ଥିଲେ।

## ଡଲ୍‌ଫିନ୍ ସୁରକ୍ଷା, ସଚେତନତା କର୍ମଶାଳା

ରମ୍ଭା,୨୧।୨

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନ ଗୌରାଙ୍ଗପାଟଣା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଇରାୱାଡି ଡଲଫିନ୍ ସଚେତନତା ଓ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାନରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ମନୋଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ହଜାରୀରାମ ବେହେରା, ରମ୍ଭା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ମୁଖ୍ୟବକ୍ତା ଭାବେ ରମ୍ଭା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିୟଦର୍ଶିନୀ ପ୍ରହରାଜ, ସମ୍ମାନିତ ବକ୍ତା ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ନିମନ୍ତ୍ରିତ ଅତିଥି ଭାବେ ଗୌରାଙ୍ଗପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ବେହେରା, ସହକାରୀ ଶିକ୍ଷକ ରମାକାନ୍ତ ନାୟକ, ବନପାଳ ପ୍ରଣବ କୁମାର ଜୟସିଂହ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ। ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳର ବନପାଳ ଗୌରାଙ୍ଗ ପ୍ରଧାନ, ବନରକ୍ଷୀ ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ସମସ୍ତ ଡଲଫିନ ସ୍କାର୍ଡ ଓ ବନ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୌରାଙ୍ଗପାଟଣା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏହି କର୍ମଶାଳାରେ ଯୋଗ ଦେଇଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି।

